# ପୁଷ୍ୟାଭିଷେକ

କେତେ ଶତାବ୍ଦୀ ତଳର, ଓଡ଼ିଶାର ରାଜନୈତିକ ଇତିହାସ, ହଳଦୀଗାଁ, ମେଦିନୀରାୟ 'ଉଆସ' ର ଭଙ୍ଗା, ବର୍ଷାଧୁଆ ପାଚିରି, ଖତରା ନଅଶେଣିଆ, ସାତଶେଣିଆ, ଫାକ୍‌ଶେଣିଆ ଚାଳର ଓଲଣା ଛପରେ, କୋଟୀକମକରା, ଉଇଖିଆ କାଠଶେଣୀ, ଆଉ ପୁରୁଷେ ଉଞ୍ଚା ଦାଣ୍ଡ ପିଣ୍ଡାର ଭୁଷୁଡ଼ା କାନ୍ଥ ଭିତରେ ମୁହଁମାଡ଼ି ପଡ଼ିଛି- ତାହା ଆଜି ପ୍ରତ୍ନତତ୍ତ୍ୱର ଊର୍ଦ୍ଧ୍ୱରେ ।

ମାଟି ତାଡ଼ି, ପରସ୍ତ ପରସ୍ତ ଖୋଳି, ଭଙ୍ଗା ବାଇଜି ହାଣ୍ଡିର ଖଣ୍ଡ ଖଣ୍ଡ ଖପରା ମିଳାଇ, ଯୁକ୍ତିର ମସଲା ଆଉ କଳ୍ପନାର ରଙ୍ଗରେ, ଶିଶୁପାଳ ଗଡ଼ର ଇତିହାସ ଲେଖାଯାଇପାରେ, ଖାରବେଳଙ୍କ ରାଜଧାନୀର ସନ୍ଧାନ ମିଳିପାରେ; ମାତ୍ର ଏଠି ସେ ରୀତି ପ୍ରୟୋଗ କଲେ, ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ପାଇବେ ଖାଲି ମାଟି ଆଉ ମାଟି, ପୁଣି ମାଟି... କାଳହୀନ, ଇତିହାସହୀନ, ଅର୍ଥହୀନ, ନିର୍ବୋଧ, କଳା, ପାଉଁଶିଆ ମାଟି!

ନିତୁ ମହାନ୍ତି 'ଉଆସ' ପଟୁଆରୀ... ତାଙ୍କ ଘରେ ହଳଦୀ ଗାଁ ଉଆସର ମାଦଳା ରହୁଥିଲା । ସେଠି କିନ୍ତୁ ଚେଷ୍ଟାକରି, ଆପଣ ହତାଶ ହେବେ! ମହାକାଳର କ୍ଷୁଧାର୍ତ୍ତ ସନ୍ତାନ, ଉଇମାନଙ୍କ ଗର୍ଭରେ ସେସବୁ ନିଶ୍ଚିହ୍ନ ହୋଇଅଛି ।

ଆଉ ଶିଳାଲିପି ଖୋଜୁଛନ୍ତି?

ଓଡ଼ିଶାର ସମୁଦ୍ରୋପକୂଳବର୍ତ୍ତୀ, ତଳମାଳିଆ ହଳଦୀ ଗାଁରେ ଶିଳା ନାହିଁ କି ଲିପି ନାହିଁ ।

ତଥାପି ଏଗାର ପୁରୁଷ ଭୋଗ କରୁଛନ୍ତି- ଜଗବନ୍ଧୁ ମହାପାତ୍ର ବଳୀୟାର ମଉଗଜ ମେଦିନୀରାୟ! କେତେବର୍ଷ ତଳେ, ଜନସୁମାରିବାଲା, ଜନସୁମାରି ଫାରମରେ ଏତେ ଲମ୍ବା ନାଁଟାକୁ ସଂକ୍ଷିପ୍ତ କରି ଖାଲି ଜଗବନ୍ଧୁ ମହାପାତ୍ର ଲେଖିଦେବାରୁ ମେଦିନୀରାୟ ଲେଖିବା ଲୋକର ଗାଲରେ ଠୋ କରି ଏକ ବ୍ରହ୍ମଚଟକଣା ପିଟିଥିଲେ!

ତାଙ୍କୁ ପଚାରିବେ?

ଭିତର ପ୍ରସ୍ଥ, ଅନ୍ଧାରିଆ ଗମ୍ଭୀରି ଘରୁ, ଏଇ ତାଙ୍କ ଖୁଁ ଖୁଁ କାଶ ଶୁଭୁଛି । କନ୍ଥା ଆଉ କମ୍ବଳରେ ଢାଙ୍କି ହୋଇ ସେ କାଶରେ ଅଣନିଃଶ୍ୱାସୀ ହୋଇ ପଡ଼ିଥିବେ । ଉଆସ ବୈଦ୍ୟ, ବୈଦ୍ୟରାଜ ନିଧି ତିହାଡ଼ୀଙ୍କ ପୂର୍ବପୁରୁଷ ଦୁଇମାଣ ଜମି ଜାଗିରି ପାଇଥିଲେ । ସେଥିପାଇଁ ଏବେ ସୁଦ୍ଧା, ବୈଦ୍ୟରାଜଙ୍କ ତେଲଚିକିଟାବସା, କଳା ବଟୁଆରୁ ମେଦୀନିରାୟଙ୍କ ଧଇଁକାଶ ପାଇଁ ବଟିକା ଦେବାର ଛୁଟଣ ନାହିଁ । ତଥାପି ଜଗବନ୍ଧୁ ମହାପାତ୍ର ବଳୀୟାର ମଉଗଜ ମେଦିନୀରାୟଙ୍କ ଧଇଁକାଶ ଊଣା ପଡୁନାହିଁ!

ପୁଷମାସିଆ ଶୀତରେ ଧଇଁକାଶ ଟିକିଏ ବଢୁଛି ।

ସତୁରି ବର୍ଷ ଭୋଗ କଲେଣି, ଜଗବନ୍ଧୁ ମେଦିନୀରାୟ! ତଥାପି ଅଣ୍ଟା ବାଙ୍କି ନାହିଁ । ବାଜିଆ ଭଣ୍ଡାରି ଆଉଟିକକୁ ଆସିଲେ, ସେ ପହଡ଼ ଛାଡ଼ି ଉଠିବେ! ତାଙ୍କୁ ପଚାରନ୍ତୁ ନାହିଁ! କାହାଣୀ କେଉଁଠି ଶେଷ ହୋଇ, କେଉଁଠି ବିଶ୍ୱାସ-ଯୋଗ୍ୟ ଇତିହାସ ଆରମ୍ଭ ହେବ, ଆପଣ ଜାଣିପାରିବେ ନାହିଁ! ତାଙ୍କୁ ପଚାରିଲେ, ସେ ଅବିକା କହି ବସିବେ, ତାଙ୍କ ପୂର୍ବପୁରୁଷମାନେ କିପରି ଆକ୍‌ବର ବାଦ୍‌ସାଙ୍କ ସେନାପତି ମାନସିଂହଙ୍କୁ ନାକରେ ପାଣି ପିଆଇଥିଲେ! ରାଜପୁତ ଶକ୍ତିକୁ ସୁଦ୍ଧା ବିପର୍ଯ୍ୟସ୍ତ କରିଥିବା ମରହଟ୍ଟା ସୁବାଦାର ଓ ସେନାପତିମାନଙ୍କୁ, ତାଙ୍କ ପୂର୍ବପୁରୁଷମାନେ କିପରି ପାଞ୍ଚଣ ବାଡ଼ି ଆଉ ବାଉଁଶ ଠେଙ୍ଗାରେ ବୈତରଣୀ ନଦୀ ଡିଆଁଇ ଦେଇ ନ ଥିଲେ, ସେ କଥା ସୁଦ୍ଧା ଶୁଣିବେ ମେଦିନୀରାୟଙ୍କ ଠାରୁ! ଶୋଇଥାନ୍ତୁ ସେ ।

ଶୋଇ ଶୋଇ, କାଶୁଥାନ୍ତୁ ସେ, ତାଙ୍କୁ ଉଠାନ୍ତୁ ନାହିଁ । ବାଜିଆ ଭଣ୍ଡାରିର ଚଉଦ ପୁରୁଷ, ବଡ଼ି ସକାଳ ନ ହେଉଣୁ, ପହଡ଼ଘର ଭିତରେ ମେଦିନୀରାୟମାନଙ୍କ ପଲଙ୍କ ପାଖରେ ଠିଆ ହୋଇ ପାଦ ମର୍ଦ୍ଦନ କରୁଥିଲେ । ସେଥିପାଇଁ ବାଜିଆ ଏବେ ସୁଦ୍ଧା ନିଷ୍କର ଜାଗିରି ବୃତ୍ତି ଭୋଗ କରୁଛି! ଆଜି ସେଥିରୁ ତାକୁ ଉଚ୍ଛେଦ କରିବ ବା କିଏ? ସେଥିପାଇଁ ସେ ସକାଳୁ ଭଣ୍ଡାରୀ ମୁଠି ଧରି, କେଉଁଠି ଗାଁ ବୁଲୁଥିବ! ତଥାପି ଆସିବ, ନିଶ୍ଚୟ ଆସିବ, ମାତ୍ର ବିଳମ୍ବ ଅଛି!

... ତାରି ଅପେକ୍ଷାରେ, ଜଗବନ୍ଧୁ ମହାପାତ୍ର ବଳୀୟାର ମତ୍ତଗଜ ମେଦିନୀରାୟ, ଶୋଇ ଶୋଇ କାଶୁଛନ୍ତି । ତାଙ୍କୁ ଉଠାନ୍ତୁ ନାହିଁ!

ଆଉ କାହାକୁ ପଚାରିବେ?

ଉଆସ ଦାଣ୍ଡରେ, ଜୀର୍ଣ୍ଣ ଦେଉଳ ଭିତରେ ରାଧାକୃଷ୍ଣଙ୍କ କଳାମୁଗୁନୀ ପଥରର ଯୁଗଳ ପ୍ରତିମା । ତାଙ୍କୁ ପଚାରିବେ ।

ସେଇ ଜାଣିଥିବେ ଏକା ମେଦିନୀରାୟ ବଂଶର ଇତିହାସ! ମେଦିନୀରାୟ ବଂଶର ନିରବଚ୍ଛିନ୍ନ, ଅଲିଖିତ ଇତିହାସର ସେଇ ଏକ ମୂକସାକ୍ଷୀ । କେଉଁ ମେଦିନୀରାୟ, କେବେ ଏଇ ମନ୍ଦିରରୁ ଶାକ୍ତମୂର୍ତ୍ତି ଉଗ୍ରତାରାଙ୍କୁ କାଢ଼ି ଏଠି ତାଙ୍କୁ ପ୍ରତିଷ୍ଠିତ କରିଥିଲେ, ତାହା କହି ପାରିବେ ଏକା, କଳାମୁଗୁନୀର ଏଇ ଯୁଗଳ ପ୍ରତିମା! ମାତ୍ର ଯୁଗଳ ପ୍ରତିମାଙ୍କ ରଙ୍ଗାଓଠରେ ରହସ୍ୟ ବିଜଡ଼ିତ ହସ... ଉଆସ ପୁରୋହିତ ବ୍ରଜବନ୍ଧୁ ଶତପଥୀଏ, ତଳକୁ ମୁଣ୍ଡ ନୁଆଁଇ ଚନ୍ଦନ ଘୋରୁଛନ୍ତି । ଶତପଥୀଏ, ଆଉ ଟିକକ ପରେ ଯୁଗଳ ପ୍ରତିମାଙ୍କ ଉପରେ ଟୋପିଏ ପାଣି  ଛିଞ୍ଚିଦେଇ, ଏଣୁ ତେଣୁ ଦୁଇଟା ଫୁଲ ଆଉ ତୁଳସୀଦଳ ଚଢ଼ାଇ, ଅନୁନାସିକ କଣ୍ଠରେ "ଓଁ"   ନମୋ କୃଷ୍ଣାୟ, ଗୋପୀ ବଲ୍ଲଭାୟ"   ଅଶୁଦ୍ଧ ଭାବରେ ଉଚ୍ଚାରଣ କରି, କଦଳୀଟାଏ ଆଉ ମୁଠାଏ ଉଖୁଡ଼ା ଭୋଗ ଲଗାଇଦେବେ । ସେହି ପ୍ରସାଦ ଲୋଭରେ, ଦୁଇ ତିନିଟା ଲଙ୍ଗଳାପିଲା, ଘଣ୍ଟ ପିଟିବା ପାଇଁ ପ୍ରତିଯୋଗିତା ଆରମ୍ଭ କରିଦେଲେଣି । ଉଆସର ଇଷ୍ଟଦେବୀ ଉଗ୍ରତାରା, ଆଜି ଗାଁ ମୁଣ୍ଡରେ ଗୋଟାଏ ବେଲବଣ ଭିତରେ ପଡ଼ିଛନ୍ତି । ହଳଦୀ ଗାଁର ମାଳିବଂଶ, ତାଙ୍କର ପୂଜକ!

ଆଉ କାହାକୁ ପଚାରିବେ?

ସାନ ଜେନାମଣିଙ୍କ ପହଡ଼ ତଥାପି ଭାଙ୍ଗିନାହିଁ । ସକାଳ ନ'   ଟା ଆଗରୁ ତାଙ୍କ ନିଦ ଭାଙ୍ଗିବ ନାହିଁ! ତୁଚ୍ଛାକୁ ତ ଆମ୍ବ ବଉଳିଆ କୁହୁଡ଼ି ଭେଦି, ସକାଳ ଖରା ଏ ପର୍ଯ୍ୟନ୍ତ ଭଲ ହୋଇ ଫିଟି ନାହିଁ । ବଡ଼ ଜେନାମଣି, ଜଗବନ୍ଧୁଙ୍କ ଅନ୍ତେ ଯାହାଙ୍କ ମୁଣ୍ଡରେ ମେଦିନୀରାୟ ଶିରିପା ବନ୍ଧା ହେବ, ସେତ ଅବିକା କଟକ ସହରର କେଉଁ ସନ୍ତସନ୍ତିଆ; ଅନ୍ଧାରିଆ ଗଳିରୁ, ହାତରେ ବଜାରଝୁଲି ଖଣ୍ଡେ ଓହଳାଇ ମାର୍କେଟରୁ ପରିବା କିଣିବା ପାଇଁ ବାହାରିଥିବେ । ପୀତାମ୍ବର ମହାପାତ୍ର, ବଡ଼ ଜେନାମଣି, କେଉଁ ଗୋଟିଏ ସରକାରୀ ଦପ୍ତରରେ ତଳିଆ ଅମଲା, ସକାଳ ଦଶଟାରେ, ନାକରେ, କାନରେ ପୁଞ୍ଜାଏ ଗୁଞ୍ଜି ତାଙ୍କୁ ଅଫିସ୍ ବାହାରିବା ପାଇଁ ପଡ଼ିବ । ନୋହିଲେ ନାଲି ଛକିର ଦାଗ । ତିନିଟା ନାଲିଛକି ପଡ଼ିଲେ, କୈଫିୟତ୍ ତଲବ୍ ।

ସାନ ଜେନାମଣିଙ୍କ ପହଡ଼ ଭାଙ୍ଗି ନାହିଁ । କାଲି ରାତିରେ ଥିଏଟର ରିହାର୍ସାଲ ଭାଙ୍ଗୁ ଭାଙ୍ଗୁ ବହୁତ ଡେରି ହୋଇଯାଇଥିଲା । ତାସ, ପଶା, ପାଲା, ସୁଆଙ୍ଗରେ ତାଙ୍କ ଦିନ କଟେ । ସାତ ବର୍ଷ କାଳ ଚେଷ୍ଟାକରି, ମାଟ୍ରିକ୍ୟୁଲେସନ୍ ପରୀକ୍ଷା ଖଣ୍ଡେ ପାସ୍ କରି ନ ପାରି, ଏବେ ଗାଁରେ ରହିଛନ୍ତି । ହଳଦୀ ଗାଁ ପାଣମାନଙ୍କର ନେତା ସେ । ତାଙ୍କଠାରୁ ଇସାରା ପାଇଲେ ହଳଦୀ ଗାଁ ପାଣମାନେ ଖୁନଠାରୁ ରାହାଜାନି ପର୍ଯ୍ୟନ୍ତ କ'   ଣ ଯେ କରି ନ ପାରନ୍ତି ଏପରି ନାହିଁ । ଆଉ ଟିକକୁ ପାଣମାନେ, ଜଣେ ଦୁଇଜଣ ହୋଇ, ମେଦିନୀରାୟଙ୍କ ଦାଣ୍ଡକୁ ଗଡ଼ିବେ ।

ଆଉ କାହାକୁ ବା ପଚାରିବେ?

ହାତୀଶାଳ ପରି ଖଞ୍ଜାମାନ ଭାଙ୍ଗି ଭାଙ୍ଗି ପଡୁଛି । ଭିତର ଖଞ୍ଜାରେ, ଚାରିଟା ବୁଢ଼ୀନାନୀ ଆଉ ପୋଇଲୀଙ୍କ ଛଡ଼ା ଆଉ କେହି ନାହାନ୍ତି । ଏକଦା ପାଇକରାପୁର ସାଆନ୍ତଙ୍କ ଘରୁ, ସେମାନେ ସାନ୍ତାଣୀଙ୍କ ସଙ୍ଗରେ ଯୌତୁକ ରୂପେ ଆସିଥିଲେ । ସାନ୍ତାଣୀ ସ୍ୱର୍ଗରେ ଅହି ଡେଙ୍ଗୁରା ବଜାଇ, ଶଙ୍ଖା ସିନ୍ଦୂର ନାଇ ସ୍ୱର୍ଗକୁ ଯାଇଛନ୍ତି । ଏଇ ବୁଢ଼ୀମାନେ ଦିନେ ଦିନେ ତାଙ୍କ ଗୁଣ ସୁମରି, ନିଜ ନିଜ ଭିତରେ ସବୁ ବାଦବିସମ୍ବାଦ ଭୁଲି, ଏକା ସାଙ୍ଗରେ ରଡ଼ିପକାଇ ବାହୁନନ୍ତି । ସେପରି ଦିନମାନଙ୍କରେ ସେମାନଙ୍କ ପାଇଁ ହାଣ୍ଡିତଳିରେ ପଖାଳ ମୁଠାଏ ସୁଦ୍ଧା ନଥାଏ । ଆଉ ଟିକକୁ, ସେମାନଙ୍କ କଳି, ତକରାଳ ଆଉ ଅଶ୍ରାବ୍ୟ ଗାଳିରେ ଉଆସ ଖଞ୍ଜା ଜୀବନ୍ତ ହୋଇ ଉଠିବ । ମାତ୍ର ଏବେ ସେମାନେ ବାସନ ମଜା, ଦୁଆର ଖରକା, ଚଉକାଦିଆ ପ୍ରଭୃତି କାର୍ଯ୍ୟରେ ବ୍ୟସ୍ତ ।

ସେମାନଙ୍କୁ ପଚାରି ଲାଭ ନାହିଁ ।

ସେମାନଙ୍କୁ ପଚାରିଲେ, ସେମାନେ ଗାଇବେ ଖାଲି ପାଇକରାପୁର ଉଆସର ବଡ଼େଇ । ମାତ୍ର ସେଥିରେ ଆପଣଙ୍କର କି ପ୍ରୟୋଜନ? ପାଇକରାପୁର ଉଆସ ସିଂହଦ୍ୱାରରେ କାଳେ ପିତ୍ତଳର ଜାଉଁଳି କବାଟ ଥିଲା । ଏଇ ବୁଢ଼ୀମାନଙ୍କ ପାଇଁ ସେମାନଙ୍କ ଟୋକୀକାଳେ, ପାଇକରାପୁର ଉଆସରେ କାଳେ ପୋଇଲୀମାନେ ନିଯୋଗ ଖଟୁଥିଲେ!

ସାନ ଜେମାଦେଈ କାହାନ୍ତି?

ବେଣ୍ଟ ପୋଖରୀରେ ମାଜଣା ହେଉଛନ୍ତି ସେ । ଦଳୁଆ ବେଣ୍ଟପୋଖରୀ । ପୋତି ହୋଇ ଆସିଲାଣି । ଜେମାଦେଈଙ୍କ ବୟସ କାଳେ, କୋଡ଼ିଏ ପୂରିଲାଣି । ସାଆନ୍ତ ଘରମାନଙ୍କରୁ ଯେଉଁ ଯୌତୁକ ଦାବି ଆସୁଛି, ତାହା ଜଗବନ୍ଧୁ ମହାପାତ୍ର ମେଦିନୀରାୟଙ୍କ ଶକ୍ତି ବହିର୍ଭୂତ । ଖଜୁରିପଦା 'ଚମ୍ପେଇତି' (ଚମ୍ପତିରାୟ)ଙ୍କ ମଝିଆଁ କୁଅଁରଙ୍କ ପାଇଁ ପ୍ରସ୍ତାବ ପଡ଼ିଥିଲା । ଚମ୍ପେଇତି ଘର କହିଲେ, ସ୍ୱୀକାର ମହାପ୍ରସାଦ ସୁନା ଥାଳିଆରେ ଆସିବ । ସେଥିପାଇଁ ମେଦିନୀରାୟଙ୍କ ବଳ କାହିଁ? ବଡ଼ଜେମା ହେମମାଳୀଙ୍କ ମଙ୍ଗଳକୃତ୍ୟରେ ତ ଅଧେ ଜମି ଯାଇଛି । ଏବେ ଉଆସତଳି, ଯେଉଁ ଜମି କୋଡ଼ିଏ ମାଣ ପଡ଼ିଛି, ସେତକ ପୁଣି ରାଧାକୃଷ୍ଣଙ୍କ ଦେବୋତ୍ତର ଜମି । ସେଥିରେ ହାତ ଦେବାର ଉପାୟ ନାହିଁ । ବେଣ୍ଟପୋଖରୀର ଭଙ୍ଗା ତୁଠରେ ସାନ ଜେମାଦେଈ ରତ୍ନମାଳୀ, ସୂର୍ଯ୍ୟଙ୍କ ଆଡ଼େ ଚାହିଁ, ପାଣି ଆଞ୍ଜୁଳା ଇଡୁଛନ୍ତି । ଭିଜା ଲୁଗା ଭେଦି, ତାଙ୍କର ଦେହର ଶ୍ୟାମକାନ୍ତି ନୀଳକଇଁର ଶୀତଳ ସ୍ନିଗ୍ଧତାରେ ଉକୁଟି ଉଠୁଛି ।

ମେଦିନୀରାୟ ଉଆସର ସାନଜେମାଙ୍କ ଆଡ଼େ ଚାହିଁ ଦେଖିବାର ଦୁଃସାହସ ଆଉ କରନ୍ତୁ ନାହିଁ ।

ନିର୍ଜନ, ଜରାଜୀର୍ଣ୍ଣ, ମହାନିଦ୍ରାଗ୍ରସ୍ତ, ନିର୍ବେଦ ମେଦିନୀରାୟ ଉଆସ । କାହାକୁ ପଚାରିବା ପାଇଁ ଚେଷ୍ଟାକରି ଆଉ ଶକ୍ତିକ୍ଷୟ କରନ୍ତୁ ନାହିଁ ।

ମେଦିନୀରାୟ କାଶୁଛନ୍ତି ।

ସାନ ଜେମାଦେଈଙ୍କ ଗମ୍ଭୀରି ଦୁଆରେ ପଞ୍ଜୁରିରେ ଶାରୀଟିଏ ରହି ରହି ବିସ୍ମୃତି ଓ ବିଲୟର ମହାମୌନ ନୀରବତା ଭିତରେ, ବେଳେ ବେଳେ ଡାକି ଉଠୁଛି... "କୃଷ୍ଣ କୃଷ୍ଣ" ।

ଓଡ଼ିଶା ଇତିହାସର ପ୍ରାୟ ଚାରି ଶତାବ୍ଦୀ ଏଠି ମୁହଁମାଡ଼ି ଫଣଫଣିଆ ମୂଷାମାଟି ଆଉ ଭଙ୍ଗା କାନ୍ଥକୁଡ଼ ଭିତରେ ଅଭିମାନୀ ତଅପୋଇ ପରି ପଡ଼ିଛି । ହଜିଲା ଇତିହାସ, ଧୀରେ ଧୀରେ ହଜି ଯାଉଛି । ମାତ୍ର ବିଲୟ ଓ ବିସ୍ମୃତିର ବାଲିଚର ତଳେ, ଫଲ୍‌ଗୁଧାରା ପରି, ଇତିହାସର ପ୍ରାଣଧାରା ଅନାହତ ଭାବରେ ତଥାପି ବହି ଚାଲିଅଛି । ଆପଣ ଇଚ୍ଛାକଲେ ସେହି ଇତିହାସ ଧାରାର କଳଧ୍ୱନି ଶୁଣି ପାରନ୍ତି ।

ସାନଜେମାମଣି ନୀଳାମ୍ବର ମାଜଣା ପରେ ମଣୋହିରେ ବସିଥିଲେ । ପଖାଳକଂସା, ଶୁଖୁଆପୋଡ଼ା ଆଉ ପିଆଜର ନିରାଡ଼ମ୍ବର ମଣୋହି । ରାନ୍ଧୁଣୀ ନାନା ଅଳ୍ପଦୂରରେ ଚୁଲି ପାଖରେ ବସି ଘଷି ନିଆଁରେ ଫୁଙ୍କି ଦେଉଥିଲା । ରତ୍ନମାଳୀ, ଭାଇ-ସାଆନ୍ତଙ୍କ ମଣୋହି ପାଖରେ ତଳକୁ ମୁଣ୍ଡପୋତି ଠିଆ ହୋଇଥିଲେ । ଭୂଇଁ ଉପରେ ପାଦନଖରେ ଗାର ଟାଣୁଥିଲେ । ରତ୍ନମାଳୀ କ' ଣ ଯେପରି କହିବା ପାଇଁ ଚେଷ୍ଟାକରି କହିପାରୁ ନ ଥିଲେ । ନୀଳାମ୍ବର ମଣୋହି ସାରି, ହାତ ଧୋଇବାକୁ ଉଠିଗଲେ । ହାତ ଧୋଇ ସାରିବା ପରେ, ରତ୍ନମାଳୀ ତାଙ୍କ ହାତକୁ ଗାମୁଛା ଆଉ ପାନବଟା ବଢ଼େଇ ଦେଇ, ଭୀରୁ, ସନ୍ତର୍ପିତ କଣ୍ଠରେ ଡାକିଲେ ଭାଇ ।

ନୀଳାମ୍ବର କିଛି କହି ପାରିଲେ ନାହିଁ । ଏ ବଦ୍‌ରାଗୀ, ଦୁର୍ଦ୍ଦଣ୍ଡ ଭାଇକୁ କେବେ କିଛି କହିବା ପାଇଁ ରତ୍ନମାଳୀ ଭରସନ୍ତି ନାହିଁ । ନୀଳାମ୍ବର କହିଲେ... "କ' ଣ କହିବୁ ଜଲ୍‌ଦି କହ । ଏ ବର୍ଷ ମକରଯାତକୁ ଗାଁ ବାଲା ଥିଏଟର କରିବେ । ମୁଁ ନଗଲେ ରିହାର୍‌ସଲ ହୋଇପାରୁନାହିଁ । ମୁଁ ଚାଲିଯିବି ଅବିକା । ନୋହିଲେ ଡ୍ରାମାଟା ମାଟି ହୋଇଯିବ ।"

ରତ୍ନମାଳୀ ସାହସ ସଞ୍ଚୟ କରି କହିଲେ... "ପଅରଦିନ ପୁଷ୍ୟାଭିଷେକ ଯେ! ଏ ପର୍ଯ୍ୟନ୍ତ କିଛି ବନ୍ଦୋବସ୍ତ ହେଲାନାହିଁ ।

ନୀଳାମ୍ବର କହିଲେ... "ସେ ଫାର୍ସରେ ମୁଁ ନାହିଁ ଜେମା, ମୋତେ ତା' ଭିତରକୁ ଟାଣ ନାହିଁ । ଏ ଯୁଗରେ, ଯଦି ଦେବୋତ୍ତର ସମ୍ପତ୍ତି ଉପରେ ବଞ୍ଚି ରହୁଥିବା କେହି ଅପଦାର୍ଥ, ଫମ୍ପା ସାମନ୍ତବାଦର ଚଳଣି ମାନି ଭୁଷୁଡ଼ା ବେଦି ଉପରେ ବସି ଅଭିଷିକ୍ତ ହେବାକୁ ଜିଦ୍ ଧରେ, ତାହାହେଲେ ସେ ପାଗଳ । ତା' ପାଗଳାମିରେ ମୋତେ ମିଶାନା ଜେମା । ସେଥିପାଇଁ ଅନ୍ୟମାନେ ଅଛନ୍ତି ।

ରତ୍ନମାଳୀ ଆହତ କଣ୍ଠରେ କହିଲେ... "ତୁମେ ବାପାଙ୍କୁ ଏମିତି ଅପମାନ କାହିଁକି କର କୁହତ । ବର୍ଷ ବର୍ଷ ଧରି ଯେଉଁ ବିଧି ଚଳି ଆସୁଛି ସେ ବିଧି ସେ ଛାଡ଼ିବେ କିପରି?

ନୀଳାମ୍ବର କହିଲେ... "ନିଜର ଜମି ଯାହାର ଚେନାଏ ନାହିଁ, ସେ ପୁଣି କି ସାମନ୍ତ? ତା' ର ପୁଣି କି ଅଭିଷେକ? ସେ ଗଜପତି ନାହାନ୍ତି, ସେ ସାମନ୍ତମାନେ ନାହାନ୍ତି! ଜମିଦାରୀ ଗଲାଣି । ଜାଗିରି ଭୋଗୀମାନେ ଆଜି ସାମନ୍ତଙ୍କଠାରୁ ଢେର ଭଲ ଅଛନ୍ତି । ଆଜି ତେଣୁ ଏ ଅଭିଷେକ ପାଗଳାମି ଆଉ ଫାର୍ସ ନୁହେଁ ତ ଆଉ କ' ଣ?"

ନୀଳାମ୍ବର ଚାଲିଗଲେ ।

ରତ୍ନମାଳୀ ନିଜ ବେକରୁ ଆମ୍ବକଷିଆ ସୁନାହାର ମାଳକ କାଢ଼ିଆଣି, ଅଞ୍ଚଳରେ ବାନ୍ଧିଲେ ।

ବାହାର ପ୍ରସ୍ଥରୁ ପାଟିଗୋଳ ଶୁଭିଲାଣି । ଭିତର ଚଉପାଢ଼ିରେ ନିତିଦିନିଆ ମଜ୍‌ଲିସ୍ ଜମିଲାଣି । ଅବିକା ଚା' ପାଇଁ ଡାକ ପଡ଼ିବ । କିନ୍ତୁ ଚିନି ଅଛି ତ? ରତ୍ନମାଳୀ, ବ୍ୟସ୍ତ ଓ ବିବ୍ରତ ଭାବରେ ରନ୍ଧାଶାଳ ଆଡ଼େ ଚାଲିଗଲେ ।

ଓଡ଼ିଶା ଇତିହାସର ଷୋଡ଼ଶ ଶତାବ୍ଦୀ, ମୁଣ୍ଡରେ ଛିଣ୍ଡା ମଫଲର୍ ଗୁଡ଼େଇ, ଦେହରେ ଖଣ୍ଡେ ଫିକା ହଳଦିଆ ରଙ୍ଗର ଧଡ଼ିଛିଣ୍ଡା ଶାଲ ଢାଙ୍କି, ପାକୁଆ ପାଟିରେ ପାଟି ଚାକୁଳେଇ ଚାକୁଳେଇ, ସେମଟା ଦେହରେ, ନିର୍ବୋଧ, ପାଣିଚିଆ ଓ ଅସହାୟ ଆଖିରେ ଏଣେ ତେଣେ ଚାହିଁ ବସିଛି ।

ଭିତର ଚୌପାଢ଼ି ଉପରେ ନିତିଦିନିଆ ଆସର ଜମିଲାଣି । ହଳଦୀ ଗାଁର ଯେତେକ ବେକାର, ଯେତେକ ବୁଢ଼ା, ଯେତେକ ଅଥର୍ବ, ଯେତେକ ବୃତ୍ତିଭୋଗୀ ସମସ୍ତେ ଜମିଛନ୍ତି ଏଠି । ତଳେ ବିଛା ହୋଇଛି କେଉଁ ଅନାଦି କାଳର ଖଣ୍ଡେ ଛିଣ୍ଡା, ବହୁ ଜାଗାରେ ସ୍ୟାଇଢଳା ସତରଞ୍ଜି,

ମେଦିନୀରାୟ ଉଆସର ଦରବାରୀ ଆସନ । ଏ ସତରଞ୍ଜିର ସୁଦିନରେ ସୁଦ୍ଧା, ଏହା ବଣିକତନ୍ତ୍ର ଓ ହାକିମୀତନ୍ତ୍ରର ନବ୍ୟ-ସାମନ୍ତମାନଙ୍କ 'ନବ୍ୟ ଉଆସ' ରେ ପା' ପୋଛା କାର୍ପେଟ୍ ପାଇଁ ଯୋଗ୍ୟ ବୋଲି ବିବେଚିତ ହୁଅନ୍ତା ନାହିଁ । ମାତ୍ର ଏବେ ବହୁ ଘୃଣିତ ସାମନ୍ତବାଦର ତାହାହିଁ ମହାସନ!

ସାମ୍ୟବାଦ, ସାମନ୍ତବାଦର ଈର୍ଷାନ୍ୱିତ ପ୍ରତିବେଶୀ ।

କାନ୍ଥକୁ ଆଉଜି ବସିଛନ୍ତି ବୃଦ୍ଧ ମେଦିନୀରାୟ । ପାଚିଲା ଆମ୍ବ ପରି ଗୋରା ଚକଚକ ଚେହେରା, ପାକୁଆ, ସେମଟା ଗାଲ, ମୋଟା ଭ୍ରୁଲତା ତଳେ ଗହୀଡ଼ା ଆଖି, ନାକତଳେ ଦୁଇପଟ ବାଘୁଆ ନିଶ, ଦେହରେ ଖଣ୍ଡେ ପୁରୁଣା ବୁନିଆଦି ଶାଲ୍ । ଧଡ଼ିରୁ ସୁନେଲୀ, ରୂପେଲୀ ଜରିକାମର ଜାହାର୍ କେବେଠୁ ନିଭିଗଲାଣି । ତାଙ୍କୁ ବେଢ଼ି ବସିଛନ୍ତି, ପଟୁଆରି ବୁଢ଼ା ନିତୁ ମାହାନ୍ତି, ଛାମୁକରଣ ନିମେଇଁ ପଟ୍ଟନାୟକ, ପାଞ୍ଜିଆ ହରି ମାହାନ୍ତି ଓ "ଉଆସ" ର କେତେଜଣ "ଗୋଲକପୁତ୍ର" । "ଉଆସ" ର ଦାକ୍ଷିଣ୍ୟ ଉପରେ ନିର୍ଭର କରି ସେମାନଙ୍କର ଦିନ ଚଳେ । ପ୍ରାୟ ଅଧଘଣ୍ଟା ଆଗେ, ବାଜିଆ ଭଣ୍ଡାରିକୁ ଚା' ଆଣିବା ପାଇଁ ହୁକୁମ୍ ହୋଇଥିଲା । ଘରେ ଚା' ଥିଲେ, ଚିନି ନ ଥିବ, ଚା' ଚିନି ଥିଲେ କ୍ଷୀର ନ ଥିବ । ମାତ୍ର ବାଜିଆ ଭଣ୍ଡାରି "ଉଆସ" ମର୍ଯ୍ୟାଦା ପଦାରେ ପକାଇ ଦେବ କିପରି? ତେଣୁ ବାଜିଆ ଭିତର ଖଞ୍ଜାରେ ରାନ୍ଧୁଣୀନାନୀକୁ ଚା' ବରାଦ ଦେଇ, ଏଣେ ସମସ୍ତଙ୍କ ଆଖି ଉଢ଼ାଳରେ ବସି, ଖରା ପୁଉଁଛି । ଚା' ଅପେକ୍ଷାରେ ସମସ୍ତେ ଯେପରି ନିରୁତ୍ସାହିତ, ଜୀବନ୍ମୃତ ପରି ବସିଛନ୍ତି... ମେଦିନୀରାୟ ସୁଦ୍ଧା ।

ମେଦିନୀରାୟ ବାଜିଆ ଉଦ୍ଦେଶ୍ୟରେ ଅଶ୍ରାବ୍ୟ ଗାଳି ବର୍ଷଣ କରି, ଦଦରା କଣ୍ଠରେ ଚିତ୍କାର କଲେ...

"ରେ ଶଳା ହାରାମଜାଦା ବାଜିଆ! କେଉଁଠି ଶୋଇଲୁରେ ଶଳା?"

ମେଦିନୀରାୟଙ୍କ ପୁଣି କାଶ ଉଠିଲା ।

ବାଜିଆ ଅତି ସନ୍ତର୍ପଣରେ ବସିବା ସ୍ଥାନରୁ ଉଠି, ଭିତର ଖଞ୍ଜାଆଡ଼େ ଖସିଗଲା । ଜେମାଦେଈ ଚିନି ପାଇଁ କାହାକୁ ପଠାଇଛନ୍ତି, ସେ ଏ ପର୍ଯ୍ୟନ୍ତ ଫେରି ନାହିଁ ।

ଗ୍ରହବିପ୍ର କେଳୁ ନାୟକ, କାଣ୍ଡିଆ ଖଣ୍ଡକରେ ଚନ୍ଦାମୁଣ୍ଡ ଆକର୍ଣ୍ଣ ଆବୃତ୍ତ କରି, ପାଞ୍ଜିଖଣ୍ଡ କାଖରେ ଜାକି, ତେଣୁ "ମଙ୍ଗଳ ଭଗବାନ ବିଷ୍ଣୁ, ମଙ୍ଗଳଂ ଗରୁଡ଼ଧ୍ୱଜ; ମଙ୍ଗଳ ପୁଣ୍ଡରୀକାଂକ୍ଷ, ମଙ୍ଗଳଂ ମଧୁସୂଦନଃ" ଅନୁନାସିକ କଣ୍ଠରେ ଉଚ୍ଚାରଣ କରି ଆସି ପହଞ୍ଚିଗଲେ । ପ୍ରତିଦିନ ସକାଳେ ଆସି, ମେଦିନୀରାୟମାନଙ୍କ ଆଗରେ ପାଞ୍ଜି ବୋଲିବା ପାଇଁ, କେଳୁ ନାୟକ ପୁରୁଷାନୁକ୍ରମେ ତିନି ମାଣ ଜମି ଜାଗିରି ଭୋଗ କରି ଆସୁଛନ୍ତି । ସେଥିପାଇଁ, ସେ ମେଦିନୀରାୟଙ୍କ ସାମ୍ନାରେ ଠିଆ ହୋଇ, ମୁଣ୍ଡରେ ପ୍ରଥମେ ପାଞ୍ଜି ଲଗାଇ, ପଢ଼ିଥିଲେ... ଧନୁ ଦି ୨୧ ନ ପୌଷ ୧୪ ଶନିବାସରେ ଯୋଗିନୀ ପଶ୍ଚିମେ ରାତ୍ରି ଘ ୩-୩୮ ଗତେ..."

ବାଜିଆ ଭଣ୍ଡାରି ଗୋଟିଏ ପିତ୍ତଳ ଲୋଟାରେ ଲୋଟାଭରି ଚା' ଆଉ କେତେଟା କାଚ ଓ ପିତ୍ତଳ ଗ୍ଲାସ୍ କାଖରେ, ହାତରେ ଜାକି ଆସି ପହଞ୍ଚିଗଲା । କେଳୁ ନାୟକଙ୍କ ପାଞ୍ଜିପାଠ ଉପରେ ଆଉ କାହାର ମନୋଯୋଗ ରହିଲା ନାହିଁ । ସମସ୍ତେ ଉଦ୍‌ଗ୍ରୀବ ହୋଇ ବାଜିଆ ଭଣ୍ଡାରି ଆଡ଼େ ଚାହିଁଲେ ।

ଚା' ପର୍ବ ଶେଷ ହେବାପରେ, କେଳୁ ନାୟକ କହିଲେ... "ଦେବାଭିଷେକ କାଲି, ପୌଷ ୧୫ ଦିନ, ପଅର ଦିନ ରାଜାଭିଷେକ, ମଙ୍ଗଳବାର । ଏ ବର୍ଷ କ'ଣ ହେଉଛି ପଟୱାରିଏ?"

ନିତୁ ମହାନ୍ତି, ଯେପରି ଏଇ ଆଲୋଚନାକୁ ଏତେ ସମୟ ଧରି ଏଡ଼ିବା ପାଇଁ ଚେଷ୍ଟା କରି ଆସୁଥିଲେ । କେଳୁନାୟକଙ୍କ ପ୍ରଶ୍ନରେ, ସେ ଥରେ ଦୁଇଥର, ଅକାରଣରେ ଗଳା ଖଙ୍କାର ମାରି କହିଲେ...

"ଏ ଯୁଗ ତ ବଦଳିଗଲା । କେତେ ସାନ୍ତମାନଙ୍କ ଘରେ ପୁଷ୍ୟାଭିଷେକ ବନ୍ଦ ହୋଇଗଲାଣି । ତିନିବର୍ଷ ହେଲା ମିରିଗଡ଼ିଆଁ ରାୟସାନ୍ତଙ୍କ ଘରେ ତ ଆଉ ରାଜାଭିଷେକ ହେଉନାହିଁ, ଖାଲି ଦେବାଭିଷେକରେ ବିଧି ସରୁଛି! ଦେବୋତ୍ତର ଅଛି ବୋଲି ଦେବାଭିଷେକ ଯେନ ତେନ ଚଳୁଛି, ନୋହିଲେ ସେତକ ସୁଦ୍ଧା ବନ୍ଦ ହୋଇ ଯାନ୍ତା ।"

ମେଦିନୀରାୟ ବାଘୁଆନିଶ ଦୁଇପଟ ଆଉଁସି, ଆଉଁସି ପଟୁଆରୀଙ୍କ କଥା ଶୁଣୁଥିଲେ । ନିତୁ ମହାନ୍ତିଙ୍କ କଥା ଶେଷ ନ ହେଉଣୁ, ସେ ଖିଙ୍କାରି ଉଠି କହିଲେ, "ମିରିଗଡ଼ିଆଁ" ରାୟଘର, କେବେଠୁ ସାଆନ୍ତ ହେଲେ ହୋ? ବାଇଶ ମାହାଲିଆ ରାଉତ ଥିଲେ, ତିନି ଚାରି ପୁରୁଷ ତଳୁ ରାୟ ହୋଇଛନ୍ତି । ତାଙ୍କ ଘରେ ରାଜାଭିଷେକ ବନ୍ଦ ହେଲା ବୋଲି, ଆମ ଘରେ ବନ୍ଦ ହୋଇଯିବ?"

ମେଦିନୀରାୟ ପୁଣି କାଶି ଉଠିଲେ ।

ଗୋଲକ-ପୁତ୍ରମାନଙ୍କ ମଧ୍ୟରୁ, ନରସିଂହ ମହାପାତ୍ରେ, ଯିଏ ଆସି ଅଭିଷେକ ବେଳେ ବେଦି ପାଖରେ ଚାମର ଧରି ଠିଆ ହୁଅନ୍ତି, କହିଲେ, "ନାଇଁ ସେ ବିଧି ଆମେ ଛାଡ଼ିବୁ କେମିତି? ଏ ଆମ ଜାତିକୁ ନିନ୍ଦା, କୁଳକୁ କଳଙ୍କ, ଏଥିରେ କ'ଣ ଭାରି ପଇସା ଖର୍ଚ୍ଚ ହୋଇଯିବ ଯେ! ବ୍ରାହ୍ମଣ ଆସିବେ, ନାହାକ ଆସିବେ, ଗଉଡ଼ମାନେ ଆସିବେ, ମହୁରିଆ ଢୋଲିଆ ଆସିବେ । ସେମାନଙ୍କୁ ମୁଠାଏ ମୁଠାଏ ଖାଇବାକୁ ଦେଲେ ହେଲା । ନୂଆଲୁଗା କ'ଣ ସମସ୍ତେ ଦେଉଛନ୍ତି? ଯାହା ସଖ୍ୟ ହେଉଛି ଦେଉଛି, ଯାହାର ନ ହେଉଛି, ସେ ନ ଦେଉଛି । ଆମେ ଏବେ ନ ଦେବା । ସମସ୍ତେ ତ ଜାଗିରି ଭୋଗୁଛନ୍ତି । ଆମେ ବିଧି ଛାଡ଼ିବା କିପରି?"

ନିତୁ ମହାନ୍ତି କହିଲେ... "ଏଇଠି ପିଣ୍ଡା ଉପରେ ବସି ଖାଲି ଗୁଡ଼ାଏ କହିଯାଉଛ ନା କିଛି ବୁଝିଛ? ଗଉଡ଼ମାନେ କହୁଛନ୍ତି, ସେମାନେ ଛତି ଧରିବାକୁ ଆସିବେ ନାହିଁ । ଛତି ଧରିଲେ, ସୁଆରି କାନ୍ଧେଇଲେ, କୁଆଡ଼େ ସେମାନଙ୍କ ଜାତି ବାସନ୍ଦ ହୋଇଯିବ ।"

ମେଦିନୀରାୟ ଚିତ୍କାର କରି ଉଠିଲେ...

"କୋଉ ଶଳା ଏ କଥା କହୁଛି? ଧରିଆଣ, ଧରିଆଣ ତାକୁ, ଏଇ ନଡ଼ିଆ ଗଛରେ ଲଙ୍ଗଳ ଦଉଡ଼ାରେ ବାନ୍ଧି, ପିଟାଅ ପାଣଙ୍କ ହାତରେ ।"

ନିତୁ ମହାନ୍ତି କହିଲେ... "ନାଇଁ ସାନ୍ତେ, ପିଟାପିଟି କଥା କ'ଣ ଆଜିକାଲି ଦିନେ ଆଉ ଚଳୁଛି? ମୁଁ ସେମାନଙ୍କୁ ମଙ୍ଗେଇଛି । ସେମାନେ କହନ୍ତି, ଦାଣ୍ଡଘରେ ବସିବେ, କଂସାରେ ଖାଇବେ, ଆଉ ଜଣପିଛା ଚାରଣା ପାଇଲେ ଆସି ନିଯୋଗ ଖଟିବେ ।"

ମେଦିନୀରାୟ କହିଲେ... "ହଉ ନିଅନ୍ତୁ ପଇସା, ଆମ ନିଯୋଗ ସେମାନେ, ଆମେ ସେମାନଙ୍କୁ ମନ ଖୁସିରେ ଦେବା । ଆଉ ସେମାନେ ଆସିବେ ନାହିଁ? ଛାତିରେ ଏତେ ବହପ ଅଛି ସେମାନଙ୍କର?"

ମେଦିନୀରାୟ ପୁଣି ଧକେଇଲେ ।

ବାଜିଆ ଭଣ୍ଡାରି ବସିଥିଲା । ଗଉଡ଼ମାନେ, କଂସାରେ ଖାଇବେ ଶୁଣି, ସେ ଦୁଇହାତ ଯୋଡ଼ି କହିଲା... "ହଜୁର ସା' ନ୍ତେ ଗଉଡ଼ମାନେ କଂସାରେ ଖାଇ, ନିଜ ହାତରେ କଂସା ଧୁଅନ୍ତୁ ପଛେ, ଆମେ ଧୋଇବୁ ନାହିଁ । ଗଉଡ଼ଙ୍କର ଖାଲି ଜାତି ଅଛି, ଆଉ ଆମର କ' ଣ ଜାତି ନାହିଁ?

ଏସବୁ ଆଲୋଚନା ବନ୍ଦ କରିବା ଉଦ୍ଦେଶ୍ୟରେ ମେଦିନୀରାୟ ସିଦ୍ଧାନ୍ତ ସ୍ପଷ୍ଟ ଶୁଣାଇଦେଲେ... "ନା, ନା ଆମର ପୁଷ୍ୟାଭିଷେକ ହେବ; ବର୍ଷ ବର୍ଷ ଧରି ଯେମିତି ହୋଇ ଆସୁଛି, ସେମିତି ହେବ!"

ତା' ପରେ ସବୁ ଆଲୋଚନା ବନ୍ଦ ହୋଇଗଲା । ମେଦିନୀରାୟଙ୍କ କଥା ଉପରେ, ଆଉ କିଏ କିଛି କହିଲେ, ଅବିକା ଦୋ-ଅକ୍ଷରି ଆରମ୍ଭ ହୋଇଯିବ ।

ପଟୁଆରି ନିତୁ ମାହାନ୍ତି ମନେ ମନେ ଆତଙ୍କିତ ହୋଇ ପଡ଼ିଥିଲେ, ସମସ୍ତଙ୍କୁ ଦିଓଳି ମୁଠାଏ ମୁଠାଏ ଖାଇବାକୁ ଦେବା ପାଇଁ ସମ୍ବଳ ନାହିଁ । ଗଉଡ଼ମାନଙ୍କ ବିଦାକି ତ ଦୂରର କଥା! ସବୁ ଚପଟ ଶେଷକୁ ପଡ଼ିବ ଆସି ତାଙ୍କରି ଉପରେ ।

ସମସ୍ତେ ଚୁପ୍‌ଚାପ୍ । ଖରା ଯେତିକି ବଢୁଛି, ଦେହକୁ ସେତିକି ମୋଲାୟେମ୍ ଲାଗୁଛି । ବୃଦ୍ଧ ଜଗବନ୍ଧୁ ମେଦିନୀରାୟ, ସାମ୍‌ନାରେ ସୁନେଲି ଖରା ଆଡ଼େ ଶୂନ୍ୟ ଆଖିରେ ଚାହିଁ ଭାବୁଥିଲେ, ଅତୀତରେ ବହୁ ପୁଷ୍ୟାଭିଷେକର ସ୍ମୃତି । ତାଙ୍କ ବାପେ କୃପାସିନ୍ଧୁ ମେଦିନୀରାୟଙ୍କ ଅମଳରେ, ଏହି ଦିନ କେତେ ଉତ୍ସବ ହେଉ ନ ଥିଲା... ।

କୃପାସିନ୍ଧୁ ମେଦିନୀରାୟଙ୍କ ଶବ ତେଣେ ପଡ଼ିିଛି । ଏହି ଚଉପାଢ଼ି ଉପରେ ଜଗବନ୍ଧୁ ମେଦିନୀରାୟ, ଅଭିଷେକ ପାଇଁ ଆସି ବସିଲେ । ସବୁଆଡ଼େ କାନ୍ଦବୋବାଳି । ତା' ରି ଭିତରେ ସୁଦ୍ଧା ଶଙ୍ଖଧ୍ୱନି ଆଉ ତିନିଖଣ୍ଡିଆ କାହାଳୀ ବାଜି ଉଠିଲା । ଜଗବନ୍ଧୁଙ୍କ ବୋଉ ଆଖିରୁ ଲୁହ ପୋଛି, ଜଗବନ୍ଧୁଙ୍କ ମୁଣ୍ଡରେ ଶାଢ଼ି କାନିରୁ ଧଡ଼ି ଛିଣ୍ଡାଇ, ମାତୃଶିରିପା ବାନ୍ଧି ଦେଲାବେଳେ, ତାଙ୍କ କପାଳର କେଇ ବିନ୍ଦୁ ତତଲା ଲୁହ ଝରିପଡ଼ିଥିଲା । ସେଦିନ ଲୁହରେ ତାଙ୍କର ଅଭିଷେକ ହୋଇଥିଲା ।

ଜଗବନ୍ଧୁ ମେଦିନୀରାୟ, ଚିତ୍କାର କରି ଉଠିଲେ... "ମିରିଗଡ଼ିଆଁ ବାଇଶ ମାହାଲିଆ ରାଉତଘର ପୁଷ୍ୟାଭିଷେକ ଛାଡ଼ିଲେ ବୋଲି, ଆମେ ପୁଷ୍ୟାଭିଷେକ ଛାଡ଼ି ପାରିବୁ ନାହିଁ । ଅଭିଷେକ ହେବ, ଅଲବତ୍ ହେବ । ଗଜପତି ଆମକୁ ସୁଦ୍ଧା ମାନରେ ସରି ନୁହନ୍ତି ।"

ଘ ଘ ଘ

ଖଣ୍ଡିଆ, ଉଇଖିଆ, ବର୍ଷାଧୁଆ ମେଦିନୀରାୟ ଉଆସ ଅଗଣାରେ, ଶୁକ୍ଳା ଦ୍ୱାଦଶୀର ଜହ୍ନ ଆଲୁଅ ପଡ଼ି ହସୁଛି!

ହସୁଛି ନା ଉପହାସ କରୁଛି?

ଦିନେ ହସୁଥିଲା, ମାତ୍ର ଆଜି ଉପହାସ କରୁଛି । ମେଦିନୀରାୟ "ଉଆସ" , ପୁଣି ଅତୀତ ଶତାବ୍ଦୀର ଛିଣ୍ଡାକନ୍ଥା ଭିତରେ ଢୁଳେଇ ପଡ଼ିଲାଣି । ନାନୀ, ରାନ୍ଧୁଣୀବୁଢ଼ୀମାନେ, କେଉଁ ଉଷୁମ କୋଣରେ କୁଣ୍ଡଳୀ ମୋଡ଼ି ଶୋଇ ପଡ଼ିଲେଣି । ଉଆସ-ଦେଉଳରେ ବ୍ରଜବନ୍ଧୁ ଶତପଥୀଙ୍କ ପୁରାଣବୋଲା ସରିଗଲାଣି । ବାହାର ପ୍ରସ୍ଥରୁ, ଜଗବନ୍ଧୁ ମେଦିନୀରାୟଙ୍କ ପହଡ଼ଘରୁ, ଖୁଁ ଖୁଁ କାଶ, ରହି ରହି ଶୁଭୁଛି । ମେଦିନୀରାୟ ଶୋଇ ନାହାନ୍ତି । ଅଫିମ ନିଶାଟା ଏବେ ସଦ୍ୟ ଲାଗି ଆସୁଅଛି । ବାଜିଆ ଭଣ୍ଡାରି, କେଉଁ ସ୍ମରଣାତୀତ କାଳରୁ ତା' ର ପୂର୍ବପୁରୁଷମାନେ ଠିଆ ହୋଇ ଆସିଥିବା ସ୍ଥାନରେ, ଠିଆ ହୋଇ, ମେଦିନୀରାୟଙ୍କ ପାଦରେ ଉଷୁମ ସୋରିଷତେଲ ମାଲିସ୍ କରୁଅଛି ।

...ରତ୍ନମାଳୀ, ଭିତରପ୍ରସ୍ଥ ଗମ୍ଭୀରାପିଣ୍ଡାରେ ବସି, ନଡ଼ିଆ ବାଡ଼ିର ବାଉଙ୍ଗା ଉପରେ ଚକ୍ ଚକ୍ କରୁଥିବା ଜହ୍ନଆଲୁଅ ଆଡ଼େ, ଶୂନ୍ୟଦୃଷ୍ଟିରେ ଚାହିଁ ବସିଥିଲେ । ନୀଳାମ୍ବର ଥିଏଟର ରିହାରସଲରୁ କେତେବେଳେ ଫେରିବେ କେଜାଣି? ଜଗବନ୍ଧୁ ମେଦିନୀରାୟ ଶୋଇବାଆଗରୁ, ତାଙ୍କ ପାଇଁ ହୁକା ସାଜି ନେବା, ରତ୍ନମାଳୀଙ୍କର ପ୍ରତିଦିନର ଶେଷ ସା ' ନ୍ତାଣୀ ବଞ୍ଚିଥିବାବେଳେ, ତାହା ତାଙ୍କର ନିତ୍ୟ ନୈମିତ୍ତିକ କାର୍ଯ୍ୟ ଥିଲା । ସା ' ନ୍ତାଣୀଙ୍କ ଅନ୍ତେ, ରତ୍ନମାଳୀ ସେ କାର୍ଯ୍ୟ କରି ଆସୁଅଛନ୍ତି ।

... ରତ୍ନମାଳୀ ସେହି ଅପେକ୍ଷାରେ ବସିଛନ୍ତି ।

କି ଗୋଟିଏ ପକ୍ଷୀର ଅଶାନ୍ତ ଚିତ୍କାରରେ ରାତ୍ରିର ଶାନ୍ତ ସ୍ତବ୍ଧତା, ମୁହୂର୍ତ୍ତକ ପାଇଁ ବିଦୀର୍ଣ୍ଣ ହୋଇଗଲା । ଅଦୂରର ତାଳମାଳ ଭିତରେ ସେ ଚିତ୍କାର ଧୀରେ ଧୀରେ କ୍ରମେ ପୁଣି ମିଳାଇଗଲା । ପାତଳା କୁହୁଡ଼ି ରାତି ପୁଣି ଶୋଇବା ପାଇଁ, ଯେପରି କଡ଼ ଲେଉଟାଇଲା ।

...ମେଦିନୀ ରାୟ ତଥାପି ଖୁଁ-ଖୁଁ ହୋଇ କାଶୁଥିଲେ ।

ରାତି କେତେଟା ବାଜିବ କେଜାଣି?

ଭାତଖିଆ ପହର କେତେବେଳୁ ଗଡ଼ିଗଲାଣି ।

ସବୁଆଡ଼ ନିଃଶବ୍ଦ ।

ଅମାର ଖଞ୍ଜାରେ ମୂଷାଗୁଡ଼ାଙ୍କର ଧାଁଧପଡ଼ ସୁଦ୍ଧା ଶୁଭୁଛି । ରତ୍ନମାଳୀଙ୍କ ବହୁ ଆଦରରେ ପାଳିତ ମାର୍ଜାରପଲ, ଏଣେତେଣେ ସେହିମାନଙ୍କ ସନ୍ଧାନରେ ଧାଉଁଛନ୍ତି ।

ବେଳେ ବେଳେ କାନପାତି ଶୁଣିଲେ, ବାଜିଆ ଭଣ୍ଡାରି ଆଉ ଜଗବନ୍ଧୁ ମେଦିନୀରାୟଙ୍କ ମଧ୍ୟରେ କଥାବାର୍ତ୍ତା ଅସ୍ପଷ୍ଟ ଭାବରେ ମଧ୍ୟ ଶୁଭୁଛି ।

ବାଜିଆ ଭଣ୍ଡାରି କହୁଥିଲା, ମନ୍ତ୍ରୀ ଆସିଥିଲେ ସୁନ୍ଦରପଦା ଗାଁକୁ । ତୋରଣ ସଜାହୋଇଥିଲା, ଦୁଆରେ ଦୁଆରେ ପୂର୍ଣ୍ଣକୁମ୍ଭ ବସିଥିଲା । ମେଦିନୀରାୟ ଅଫିମରଙ୍ଗୀ ସ୍ମୃତିଲୋକରେ ନାଚି ଉଠୁଥିଲା, ଅତୀତରେ ନିଜ ଇଲାକା ବୁଲିଯିବାର କେତେକ ଦୃଶ୍ୟ! ଆଖି ଆଗରେ ଭାସି ଉଠୁଥିଲା, ତାଙ୍କ ବାପା କୃପାସିନ୍ଧୁ ମେଦିନୀରାୟଙ୍କ ଦୁଇପଟ ବାଘୁଆ ନିଶ, ଆଉ କପାଳରେ ସିନ୍ଦୂର କଲି । ଜେଜବାପା ନରସିଂହ ମେଦିନୀରାୟଙ୍କ ଛବି ମଧ୍ୟ ବେଳେ ବେଳେ ତାଙ୍କ ଆଖି ଆଗରେ ଝଲସି ଉଠୁଥିଲା । ଗର୍ଭିଣୀଗାଈ ମଧ୍ୟ ତାଙ୍କୁ ବାଟ ଛାଡୁଥିଲା । ପାଲିଙ୍କି ଚଢ଼ି, ସେ ଇଲାକା ବୁଲି ଯାଉଥିଲେ ।

ଜଗବନ୍ଧୁ ନିଦରେ ବିଳିବିଳେଇଲା ପରି କହିଲେ... "ବୁଝିଲୁ ବାଜିଆ, ଗଜପତି ରାଜା, ଆମମାନଙ୍କୁ ମାନରେ ସରି ନୁହନ୍ତି । ଗଜପତିଙ୍କ ଉଆସରେ ନିମିତ୍ତ ହେଲେ ଆମଘରେ ଗୁଆ ପଡୁଥିଲା ।"

ବାଜିଆ ନିଦରେ ଢୁଳାଉ ଢୁଳାଉ କହିଲା... "ଇଏତ ଛାମୁ, ଆମ ଆଖିଦେଖା କଥା । ଛାମୁଙ୍କ ମଙ୍ଗଳକୃତ୍ୟ ବେଳେ, ବୁଢ଼ା ସାନ୍ତେ ମୋ ହାତରେ ପୁରୀ ଉଆସକୁ ଗୁଆ ପଠାଇଥିଲେ ।"

ଜଗବନ୍ଧୁଙ୍କଠାରୁ ବାଜିଆ ବୟସରେ ଦଶବର୍ଷ ସାନ । ଉଭୟ ଐତିହାସିକଙ୍କ ଇତିହାସରେ ଘଟଣା ଅପେକ୍ଷା କଳ୍ପନା ବୃହତ୍ତର ସତ୍ୟ!

ବାଜିଆ କହି ଆସୁଥିଲା, ମାତ୍ର କହିଲା ନାହିଁ, "ସାନ୍ତେ ଯୁଗ ବଦଳୁଚି, ଯୁଗ ବଦଳୁଛି । ମତେ ନିଦ ମାଡ଼ିଲାଣି ।"

ନୂଆ ଠେକିରେ, ପୁରୁଣା ରହଣିଆ ଘିଅ ଢଳା ହେଉଛି । ମାତ୍ର ହଳଦୀ ଗାଁ ଉଆସର ଭଙ୍ଗାକୁଡ଼ ଭିତରେ, ପୁରୁଣା ଠେକି ଭାଙ୍ଗି, ଧୀରେ ଧୀରେ ମାଟିରେ ମିଶି ଯାଉଅଛି । ନୂଆ ଘିଅ ନାହିଁ, ସେଥିପାଇଁ ସମ୍ବଳ ମଧ୍ୟ ନାହିଁ!

ଗଜପତିଙ୍କ ସାମନ୍ତମାନେ ଯାଇଛନ୍ତି ତାଙ୍କ ସ୍ଥାନରେ ଆସିଛନ୍ତି ବଣିକତନ୍ତ୍ର ଓ ଶାସନତନ୍ତ୍ରର ନବ୍ୟ-ସାମନ୍ତମାନେ!

ଛିଣ୍ଡାକନ୍ଥା ଆଉ କମ୍ବଳରେ ଢାଙ୍କି ହୋଇ ଜଗବନ୍ଧୁ ମତ୍ତଗଜବଳୀୟାର ମେଦିନୀରାୟ ଭାବୁଛନ୍ତି, ପୁଷ୍ୟାଭିଷେକ କଥା ।

ଖୁଁ-ଖୁଁ କାଶି, ଜଗବନ୍ଧୁ ମେଦିନୀରାୟ ଚିତ୍କାର କରି ଉଠିଲେ, "ବୁଝିଲୁ ବାଜିଆ, ମଲା ହାତୀ ବି ଲଖେ ଟଙ୍କା! ସବୁ ସିନା ଉଡ଼ିଯିବ, ଭାଙ୍ଗିଯିବ, ହଜିଯିବ... ଏଗାର ପୁରୁଷର ଖାନ୍ଦାନ୍ ଯିବ କୁଆଡ଼େ?"

ବାଜିଆର ଦୁଇ ଆଖି, ନିଦରେ ଭାଙ୍ଗି ପଡୁଥିଲା । ଭଙ୍ଗା ଦେଉଳରେ ପ୍ରତିଧ୍ୱନି ପରି, ସେ ବୁଢ଼ା ମେଦିନୀ ରାୟଙ୍କ କଥାରେ ପ୍ରତିଧ୍ୱନିତ ପରି, ନିଦବାଉଳା କଣ୍ଠରେ କହିଲା... "ନାଇଁ ସାନ୍ତେ ଏଗାର ପୁରୁଷୀ ଖାନ୍ଦାନ୍ ଯିବ କୁଆଡ଼େ?"

ଜଗବନ୍ଧୁ ମେଦିନୀରାୟ, ବାଜିଆ କଥାରେ ଉତ୍ସାହିତ ହୋଇ କହିଲେ... "ଶଳା ନିତୁ ମହାନ୍ତି କହୁଛି, ମିରିଗଡ଼ିଆଁ ରାଉତଘର ପୁଷ୍ୟାଭିଷେକ ବନ୍ଦ କଲେଣି, ଆମେ ସେଥିପାଇଁ ବନ୍ଦ କରିଦେବା! ଲାଥିମାର୍ ତା ' ମୁହଁରେ!"

ବାଜିଆ କହିଲା... "ମାହାନ୍ତିଗୁଡ଼ା ବଢ଼ି ବଢ଼ି କରଣ, ଛିଡ଼ି ଛିଡ଼ି ଚଷା, ନିତୁ ମହାନ୍ତି କ ' ଣ ବୁଝିବ ଖାନ୍ଦାନି?"

ଜଗବନ୍ଧୁ ପ୍ରସନ୍ନ ହୋଇ ବର ଦେଲାଭଳି କଣ୍ଠରେ କହିଲେ... "ଏଥର ପୁଷ୍ୟାଭିଷେକରେ, ତମ ଘରୁ ସମସ୍ତଙ୍କୁ ଆଣିବୁ । ମାଇପେ ବି ଆସିବେ । ଜେମା ପାଖରେ ଅଳି କରିବୁ, ନୂଆଲୁଗା ଥିଲେ ଖଣ୍ଡେ ଦେବ ।"

ବାଜିଆ ଭଣ୍ଡାରି, ଶୁଖିଲା କାଠରୁ ସୁଦ୍ଧା ପାଣି ବାହାର କରି ଜାଣେ । କେତେଦିନୁ ଖଣ୍ଡେ ନୂଆଲୁଗା ପାଇଁ, ସେ ବୁଢ଼ା ପାଖରେ ଅଳି ଲଗାଇଥିଲା ।

ଜଗବନ୍ଧୁ ପୁଣି କାଶି ଉଠିଲେ । ବାଜିଆ, ସେହି ଅବସରରେ ଉଠି ବାହାରକୁ ଚାଲିଗଲା ।

ଭିତର ଖଞ୍ଜାରୁ, ଜେମା ହାତରେ ଚୁଡ଼ି ଆଉ ପାଦର ନୂପୁର ଶବ୍ଦ ବେଳେ ବେଳେ ଝିମ୍ ଝିମ୍ ଶୁଭୁଛି ।

ଦୁଶ୍ଚିନ୍ତାର ଦାରୁଣ କଷାଘାତରେ, ଜଗବନ୍ଧୁ ଆର୍ତ୍ତନାଦ କରି, ବିଛଣା ଉପରେ ଉଠି ବସିଲେ ।

ସମସ୍ତେ ଜାଣନ୍ତି, ରତ୍ନମାଳୀକୁ କୋଡ଼ିଏ ଚାଲୁଛି । ମାତ୍ର ମେଦିନୀରାୟ ଜାଣନ୍ତି, ସାନ ଜେମା ପଚିଶ ଡେଇଁଲାଣି । ହେମମାଳୀର ମଙ୍ଗଳକୃତ୍ୟ ତ ବଢ଼ିଲା ତିରିଶ ବର୍ଷରେ । କାଳିକାପୁର ଦନେଇ ପଧାନ ପୁଅ ବାନାମ୍ବର ପଧାନ, ଇଂରେଜୀ ପଢ଼ା ପଢ଼ିଛି, କଟକରେ ପୀତାମ୍ବର ସାଙ୍ଗରେ ଏକା ଅଫିସରେ କାମ କରେ । ରତ୍ନମାଳୀର ମଙ୍ଗଳକୃତ୍ୟ ପ୍ରସ୍ତାବ ସେଇଠି ପଡ଼ିଥିଲା । ଦେବା ନେବା ସେମାନେ ଚାହାନ୍ତି ନାହିଁ । ଖୋଟଚାଷ କରି ଦନେଇଁ ପଧାନ ହାଲକୁ ବଡ଼ଲୋକ ହୋଇଛି, ରାତି ଅଧରେ ସେ ଦଶହଜାର ଟଙ୍କା ଗଣିଦେବ । ଓଲଟି ଦନେଇଁ ପଧାନ କିଛି ଦେଇ ପାରେ!

ପୀତାମ୍ବର, ପାର୍ବଣ ଛୁଟିରେ ଗାଁକୁ ଆସିଥିଲାବେଳେ, ସେହି ପ୍ରସ୍ତାବ ଧରି ଆସିଥିଲା । ମାତ୍ର ମେଦିନୀରାୟ ଏ କଥାରେ ରାଜି ହେବେ କିପରି? କାଳିକାପୁର ପଧାନମାନେ ସେ ମେଦିନୀରାୟମାନଙ୍କର ପାଇକାଳି ପ୍ରଜା! ଦନେଇଁ ପଧାନ ଝୋଟଚାଷ କରି ହୋଇଥାଉ ପଛେ ବଡ଼ଲୋକ ।

ରତ୍ନମାଳୀ ଭିତର ଖଞ୍ଜାରେ, ଜଗବନ୍ଧୁଙ୍କ ଟିକିଆରେ ରଡ଼ନିଆଁ ଖଣ୍ଡ ଫୁଙ୍କି, ହୁକା ତିଆରି କରୁଥିଲେ ।

ଏ ହୁକା ଜଗବନ୍ଧୁ ମେଦିନୀରାୟଙ୍କଠାରୁ ଆଉରି ପୁରାତନ । ଏଥିରେ ରତ୍ନମାଳୀଙ୍କ ପିତାମହୀଙ୍କ ନିଃଶ୍ୱାସ ସୁଦ୍ଧା ମିଶିଛି, ନରସିଂହ ମେଦିନୀରାୟ ଏଥିରୁ ଧୂଆଁ ଟାଣିଛନ୍ତି! ମାତ୍ର ସେ ରୁପାର ନଳ ନାହିଁ । ରବରନଳୀ ଖଣ୍ଡେ ଲାଗିଛି । ସେ ସୁନେଲି ଝାଲର ମଧ୍ୟ କୁଆଡ଼େ ଛିଣ୍ଡି ପଡ଼ିଲାଣି ।

ରତ୍ନମାଳୀ, ଗୋଟାଏ ହାତରେ ଜଳନ୍ତା ହୁକାଟା ଧରି, ଜଗବନ୍ଧୁଙ୍କ ଶୋଇବା ଘର ଭିତରକୁ ଅତି ସନ୍ତର୍ପଣରେ ଆସିଲେ ।

ଜଗବନ୍ଧୁ ଖଟବାଡ଼ା ଉପରେ ଗୋଟିଏ ମାଣ୍ଡିଆରେ ଢିରାଦେଇ, ଘର ଭିତରେ, ଲଣ୍ଠନ ଆଲୁଅମିଶା ଅନ୍ଧାର ଭିତରକୁ ଚାହିଁ ବସିଥିଲେ ।

ରତ୍ନମାଳୀ ନିତ୍ୟଅଭ୍ୟସ୍ତ ରୀତିରେ, ହୁକାଟା ଆଣି, ଜଗବନ୍ଧୁଙ୍କ ପଲଙ୍କ ପାଖରେ ଖଣ୍ଡେ ଖଟୁଲି ଉପରେ ରଖି, ନଳୀଟା ଜଗବନ୍ଧୁଙ୍କ ହାତକୁ ବଢ଼ାଇଦେଲେ ।

ଜଗବନ୍ଧୁ ଦୁଇଓଠରେ ନଳୀଟା ଚାପି, ଥରେ ଧୂଆଁ ଟାଣିଲେ । ଧୂଆଁର କୁଣ୍ଡଳୀ ଭିତରେ, ତାଙ୍କର ମୁହୂର୍ତ୍ତକ ପୂର୍ବର ସବୁ ବିଷାଦ ଧୀରେ ଧୀରେ କଟିଗଲା । ରତ୍ନମାଳୀ ଖଟୁଲି ପାଖରେ ବସିପଡ଼ି, ଟିକିଆନିଆଁରେ ଧୀରେ ଧୀରେ ଫୁଙ୍କିଦେଲେ । ଟିକିଆନିଆଁର ଝଲକରେ ରତ୍ନମାଳୀଙ୍କର ମୁହଁର ଗୋଟିଏ ଅଂଶ ଈଷତ୍ ଆଲୋକିତ ହୋଇ, ଆଉରି ବିଷଣ୍ଣ ଦିଶୁଥିଲା । ଜଗବନ୍ଧୁ ସେ ଆଡ଼େ ଚାହିଁ ପାରିଲେ ନାହିଁ ।

କେତେକ୍ଷଣ ନୀରବରେ କଟିଗଲା ।

ଜଗବନ୍ଧୁ କହିଲେ... "ପଅରଦିନ, ମଙ୍ଗଳବାର ପୁଷ୍ୟାଭିଷେକ ।"

ରତ୍ନମାଳୀ କହିଲେ... "ମୁଁ ଜାଣିଚି ବାପା ।

ବେଦି ଉପରେ ଚମ୍ପାରମାନେ କାଲିଠୁ ଛାମୁଡ଼ିଆ ବାନ୍ଧି ଯାଇଛନ୍ତି । ମୁଁ ସେଥିରେ ଆଜି ଚିତା ଲେଖେଇ ଦେଇଛି ।"

ଜଗବନ୍ଧୁ, ଭୀରୁ, ସନ୍ତାପିତ କଣ୍ଠରେ ପଚାରିଲେ... "ଛାମୁଡ଼ିଆ ବାନ୍ଧିବା ପାଇଁ ଚମ୍ପାରମାନେ ପଇସା ମାଗିଲେ ନାହିଁ?"

ରତ୍ନମାଳି କହିଲେ... "ସେମାନେ ତ ଜମି ଖାଉଚନ୍ତି; ପଇସା ମାଗିବେ କାହିଁକି? ଯାହା କରିବା କଥା, ଆସି କରି ଯାଉଛନ୍ତି ।

ଜଗବନ୍ଧୁ ହୁକାନଳୀରୁ ଧୂଆଁ ଛାଡ଼ି କହିଲେ...

ଗଉଡ଼ମାନେ କାଲେ କହିଛନ୍ତି, ପଇସା ନ ପାଇଲେ ସେମାନେ ଛତି ଧରିବାକୁ ଆସିବେ ନାହିଁ ।"

ରତ୍ନମାଳୀ କହିଲେ... "ମତାଣିଆ ଲୋକେ, ସେମାନଙ୍କୁ ମତାଉଛନ୍ତି । ଛତିଟା ଆସି ଦଣ୍ଡେ ଧରିଦେଲେ, କୋଉ ମହତଟା ତଳେ ପଡ଼ି ଯାଉଛି ଯେ! ପଇସା ନେଲେ ନେବେ!"

ଜଗବନ୍ଧୁ କହିଲେ... "ମୁଠାଏ, ମୁଠାଏ ସମସ୍ତେ ଖାଇବେ ।"

ରତ୍ନମାଳୀ ହସିବାର ଚେଷ୍ଟା କରି କହିଲେ, "ତା' ଆଉ ଖା' ନ୍ତେ ନାହିଁ । ଆପଣ ଏତେ ଭାବୁଛନ୍ତି କାହିଁକି?"

ଜଗବନ୍ଧୁ କହିଲେ... "ବାଜିଆକୁ ଖଣ୍ଡେ ନୂଆ ଲୁଗା ଦେବୁ । ବଡ଼ ନିମକସଚ୍ଚା ଲୋକ । ତା' ଘରର ସମସ୍ତେ ଆସିବେ ବୋଲି, ମୁଁ ତା' କୁ କହିଛି ।"

ରତ୍ନମାଳୀ କିଛି କହିଲେ ନାହିଁ । ନିରୁତ୍ତର ଭାବରେ, ନୀରବରେ ସେ ଉଠୁଥିଲେ । ଜଗବନ୍ଧୁ କହିଲେ... "ଏ ମାଣ୍ଡିଟା ଟିକିଏ ଉଠେଇ ଦେ' ତ ମା' ।"

ଯେଉଁ ମାଣ୍ଡି ଦେହରେ ଜଗବନ୍ଧୁ ଆଉଜି ବସିଥିଲେ, ରତ୍ନମାଳୀ ସେ ମାଣ୍ଡିଟା ଧୀରେ ଧୀରେ ଉଠାଇଦେଲେ । ଜଗବନ୍ଧୁ ପଚାରିଲେ... "ପୀତୁ କ' ଣ କେତେଟା ଟଙ୍କା କଟକରୁ ପଠାଇଥିଲା, ଦେଖ ତ ମା' କେତେ ଅଛି ।"

ମାଣ୍ଡିତଳେ ଖଣ୍ଡେ ମନିଅର୍ଡର କୁପନରେ ଗୁଡ଼ା ହୋଇ ପଡ଼ିଥିଲା ଦୁଇ ଖଣ୍ଡ ଦଶଟଙ୍କା, ଆଉ ଖଣ୍ଡେ ପାଞ୍ଚଟଙ୍କିଆ ନୋଟ୍ ।

ପୀତାମ୍ବର ପ୍ରତିମାସରେ ମେଦିନୀରାୟଙ୍କ ପାଖକୁ ପଚିଶ ଟଙ୍କା ପଠାନ୍ତି ତାଙ୍କ ଅଫିମ ଖର୍ଚ୍ଚ ପାଇଁ ।

ଜଗବନ୍ଧୁ, ଦୁଇଖଣ୍ଡ ଦଶଟଙ୍କିଆ ନୋଟ ରତ୍ନମାଳୀଙ୍କ ହାତକୁ ବଢ଼ାଇ ଦେଇ କହିଲେ...

"ନେ ମା', ଏ ଟଙ୍କା କେତେଟା ଗଣି ରଖିଥା । ପଅରଦିନ ପୁଷ୍ୟାଭିଷେକରେ ଖର୍ଚ୍ଚ ହେବ ।

ରତ୍ନମାଳୀ ଆହତ କଣ୍ଠରେ କହିଲେ... "ଏ ଆପଣଙ୍କ ଅଫିମ ଖର୍ଚ୍ଚ ଟଙ୍କା ଯେ ।"

ଜଗବନ୍ଧୁ କଳେ ଧୂଆଁ ଛାଡ଼ି କହିଲେ...

"ମୁଁ ଜାଣେ ଜେମା ।"

ରତ୍ନମାଳୀଙ୍କ ଦୁଇ ଆଖିରୁ ବୃଦ୍ଧ ମେଦିନୀରାୟଙ୍କ ଅସହାୟତାରେ ଦୁଇଟୋପା ଲୁହ, ବିଛଣାରେ ତେଲଚିକିଟାବସା ମାଣ୍ଡି ଉପରେ ଗଡ଼ିପଡ଼ିଲା ।

ଜଗବନ୍ଧୁ, ପଥରର ପ୍ରତିମୂର୍ତ୍ତି ପରି ବସି ହୁକାରୁ ଧୂଆଁ ଟାଣୁଥିଲେ । ହୁକାର ଗୁଡ଼ୁଗୁଡ଼ୁ ଶବ୍ଦ ଭିତରେ ରତ୍ନମାଳୀଙ୍କର ଖର ନିଃଶ୍ୱାସ ଶୁଭୁଥିଲା । ମେଦିନୀରାୟଙ୍କର ଅଲକ୍ଷିତରେ, ସେ ଦଶଟଙ୍କିଆ ନୋଟ ଦୁଇଖଣ୍ଡ ପୂର୍ବସ୍ଥାନରେ ରଖିଦେଇ, ବାହାରକୁ ଚାଲିଆସିଲେ ।

ଦୁଆରେ ଛାଇ ସବୁ ଲମ୍ବ ହୋଇ ପଡ଼ିଲାଣି । ନୀଳାମ୍ବରଙ୍କ ଘର ଦୁଆର ତଥାପି ଦରଆଉଜା ହୋଇଛି । ସେ ହୁଏତ ଆଜି ରାତିରେ ଆଉ ଫେରିବେ ନାହିଁ । ରତ୍ନମାଳୀ ନିଜ ଗମ୍ଭୀରା ଭିତରକୁ ଯାଇ ଦୁଆର ବନ୍ଦ କରିଦେଲେ ।

ମେଦିନୀରାୟ ଉଆସ ଶୋଇ ପଡ଼ିଲାଣି ।

ଆଉ କାହାକୁ ପଚାରିବେ, ମେଦିନୀରାୟ ଇତିହାସ? ଏଗାର ପୁରୁଷବ୍ୟାପୀ ପ୍ରାୟ ଚାରି ଶତାବ୍ଦୀର ଉଇଖିଆ କାହାଣୀ? ...ଆଉ ପଚାରି ଲାଭ ନାହିଁ । ଏ ଇତିହାସ ଲୋପ ପାଇବା ପୂର୍ବରୁ ଏହାର ଐତିହାସିକମାନେ ସୁଦ୍ଧା ଲୋପ ପାଇଛନ୍ତି ।

ଜଗବନ୍ଧୁ ମହାପାତ୍ର ବଳୀୟାର ମଉଗଜ ମେଦିନୀରାୟ, ତଥାପି ଶୋଇ ନାହାନ୍ତି । ତାଙ୍କ ଲହରିଆ କାଶ, ଇତିହାସର ଅଟ୍ଟହାସ ପରି ଶୁଭୁଛି ।

ତାଙ୍କୁ ତଥାପି ପଚାରିବେ?

କିନ୍ତୁ ବିଶ୍ୱାସଯୋଗ୍ୟ ଇତିହାସ କେଉଁଠି ଶେଷ ହୋଇ, କେଉଁଠି ଯେ ମନଗଢ଼ା କାହାଣୀ ଆରମ୍ଭ ହେବ, ଆପଣ ତାହା ଜାଣିପାରିବେ ନାହିଁ! ...କିନ୍ତୁ ସବୁ ଇତିହାସ ସେଇଆ ନୁହେଁ କି?

କେଉଁଠି ଗୋଟିଏ ପେଚା ରାବୁଛି ।

ନିଶୂତି ରାତିରେ ପେଚା ରାବ ଶୁଣିଲେ ରତ୍ନମାଳୀଙ୍କୁ ଭାରି ଡର ମାଡ଼େ । କାହାର ଆଶ୍ରୟରେ ଉଷ୍ମ ଅଭୟ ପାଇଁ, ସେ ମାଣ୍ଡିଟାକୁ ଦୁଇ ବାହୁରେ ଭିଡ଼ି ଧରନ୍ତି କେ ଜାଣେ?

ରତ୍ନମାଳୀ କାନ୍ଦୁଥିଲେ ।

ତାଙ୍କୁ କିଛି ପଚାରନ୍ତୁ ନାହିଁ?

(୧୯୫୮)